# Akashvani, Sambalpur

## SAMBALPURI NEWS EVENING BULLETIN

## 12 july 2026-7.02- 7.12 pm.

---

୧- ନିଶାମୁକ୍ତ ଓଡ଼ିଶା ଗଠନ୍ ଲାଗି ଖାସ୍ ଯୋଜ୍ନା ତିଆର୍ କଲେ ସର୍କାର୍ ।

୨- କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଫେର୍ଘାଏ ଧାରିଜ୍ ହେଲା ୩୬ ଟା ଉଷୋର ଖୁଚୁରା ଦର୍ ।

୩- ଅଷାଢ଼ ମାସର୍ ଅନ୍ଧାର୍ ପଖର୍ ଦ୍ୱାଦଶୀ ତିଥିଥି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ହେଇଛେ ମାହାପୁରୁମାନ୍କର୍ ରାଜପ୍ରସାଦ୍ ବିଜେ ନୀତି ।

ଆଉର୍

୪- ରାଏଜେ ସକ୍ରିୟ ରହିଛେ ଦକ୍ଷିଣ ପଶ୍ଚିମ ମୌସୁମୀ ।

- ଆଏବା ୭ ଦିନ୍ ତକ୍ ହେଇପାରେ ବର୍ଷା ।

## ନିଶାମୁକ୍ତ ଓଡ଼ିଶା ହି.ସ.

ନିଶାମୁକ୍ତ ଓଡ଼ିଶା ଗଠନ୍ ଲାଗି ସର୍କାର୍ ଖାସ୍ ଯୋଜ୍ନା ତିଆର୍ କରିଛନ୍ । ଯୋଜ୍ନାର୍ ଅନୁମୋଦନ୍ ଲାଗି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ୍ ସଶକ୍ତିକରଣ୍ ବିଭାଗ୍ ଏସ୍.ଏସ୍.ଇ.ପି.ଡି. ତର୍ଫୁ ସର୍କାର୍ଙ୍କର୍ ନିକେ ଚିଠି ଲେଖାଯାଇଛେ । କାର୍ଯ୍ୟକ୍ରମ୍ ଲାଗି ମୋଟ୍ ୪ କୋଟି ୬୨ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା ବଲି ସ୍ଥିର କରାଯାଇଛେ । ଯୋଜ୍ନାଥି ବିଦ୍ୟାଲୟସ୍ତର୍ନୁ ମୁଲ୍ କରିକରି ପଂଚାୟତ୍‌ତକ୍ ସଚେତନତା ଅଭିଯାନ୍ କରାଯିବା । ରାଜ୍ୟର୍ ଦେଢ଼୍ ଶହ ଟା ବିଦ୍ୟାଲୟ ଆଉ ମହାବିଦ୍ୟାଲୟ ନ ନିଶା ବିରୋଧୀ ସଚେତନତା, ଗଣଦୌଡ଼୍, ପଦଯାତ୍ରା ଆଉ ସାଇକେଲ୍ ରେଲି କରାଯିବା । ଫି’ ବ୍ଲକ୍ ନ ନିଶା ବିରୋଧୀ କାର୍ଯ୍ୟକ୍ରମ୍ ଆଉ ନିଶା ଦରବ୍ ନିରୋଧୀ କମିଟି ଗଢ଼୍‌ବାର୍‌କେ ସର୍କାର୍ ଲକ୍ଷ୍ୟ ରଖିଛନ୍ । ଫି’ ଜିଲ୍ଲା ନ ୫୦ ଝନ୍ ନିଶା ମୁକ୍ତ ମିତ୍ରଙ୍କୁ ନେଇକରି ସଚେତନତା କାର୍ଯ୍ୟକ୍ରମ୍ କରାଯିବା ବଲି ଜନାପଡ଼ିଛେ ।

## ଔଷଧ ମୂଲ୍ୟ ହ୍ରାସ ହି.ସ.

କେନ୍ଦ୍ର ସର୍କାର୍ ୩୬ ଟା ଜରୁରୀ ଉଷୋର୍ ଖୁଚୁରା ଦର୍କେ ଫେର୍ଘାଏ ଧାରିଜ୍ କରିଛନ୍ । କେନ୍ଦ୍ର ରସାୟନ୍ ଆଉ ସାର୍ ମନ୍ତ୍ରଣାଲୟ ଅଧୀନ୍ଥି ଥିବା ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ୍ ପ୍ରାଧିକରଣ୍ ଏନ୍.ପି.ପି.ଏ. ତର୍ଫୁ ଇ ବାବ୍ଦେ ବିଜ୍ଞପ୍ତି ଜାରି କରାଯାଇଛେ । ଇ ତାଲିକାଥି ଖାସ୍ କରି ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍ରୋଗ୍, କର୍କଟ, ସଂକ୍ରମଣ, ଶ୍ୱାସରୋଗ, ଆଖି ରୋଗ୍ର ଚିକିତ୍ସା ଲାଗି ବେଭାର୍ ହଉଥିବା ଉଷୋର୍ ଦାମ୍କେ ସ୍ଥିର୍ ରଖାଯାଇଛେ । ଉଷୋ ବନଉଥିବା କମ୍ପାନୀମାନ୍କୁ ବିଜ୍ଞାପିତ୍ ୩୬ ଟା ଉଷୋର ଧାରିଜ୍ ଦାମ୍ ତୁର୍ତି ଲାଗୁ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ ନିର୍ଦ୍ଦେଶ୍ ଦେଇଛନ୍ । ଲୋକ୍ମାନ୍କୁ କମ୍ ଦାମ୍ଥି ଜରୁରୀ ଉଷୋ ଯୁଗେଇ ଦେବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍କାର୍ ଇ ପଦକ୍ଷେପ୍ ନେଇଥିବା ଜନାପଡ଼ିଛେ । ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କେନ୍ଦ୍ର ସର୍କାର୍ଙ୍କର୍ ନିଷ୍ପତିକେ ସ୍ୱାଗତ୍ କର୍ବାର୍ ସହେତେ ରୋଗୀମାନେ କମ୍ ଦାମ୍ଥି ଉଷୋ ପାଇପାର୍ବେ ବଲି କହିଛନ୍ ।

ପିଆଜ୍ ର ଦାମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପିଆଜ୍ ଯୋଗାଣ ଆଂଶିକ୍ ଭାବେ ବାଧାପ୍ରାପ୍ତ ହେଇଥିବାର୍‌ନୁ ଦାମ୍ ବଢ଼ିଛେ ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଗଲା ୧୫ ଦିନ୍ ଭିତ୍‌ରେ ପିଆଜ୍‌ର ଖୁଚୁରା ଦାମ୍ ପାଖାପାଖି ୨୦ ଟଙ୍କା ବଢ଼ିଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଖାସ୍‌କରି ରାଜ୍ୟକେ ମହାରାଷ୍ଟ୍ରନୁ ପିଆଜ୍ ଆମ୍‌ଦାନୀ କରାଯାଉଥିବାର୍ ବେଲେ ସେଠାନେ ଜବର୍ ବର୍ଷା ଲାଗି ପିଆଜ୍ ଉତ୍ପାଦନ୍ କ୍ଷତିଗ୍ରସ୍ତ ହେଇଛେ । ଯେନ୍‌ଥିର୍ ଲାଗି ଦର୍‌କାର୍ ହିସାବେ ପିଆଜ୍ ଆମ୍‌ଦାନୀ ନାଇଁ ହେଇପାରି । ସେଆଡ଼େ ରାଏଜେ ମହଜୁଦ୍ ଥିବା ପିଆଜ୍‌ର ପରିମାଣ୍ କମୁଥିବାର୍‌ନୁ ଦାମ୍ ବଢ଼ିଛେ । ଆଲୁ ସହେତେ ଅଲ୍‌ଗା ଦରବ୍‌ମାନ୍‌କର୍ ଦାମ୍ ନାଇଁ ବଢ଼ି । ପିଆଜ୍ କଳାବଜାରୀ ରୁକ୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।
(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ନୂଆଁ ପାୱାର୍ ସବ୍‌ଷ୍ଟେସନ୍ ବର୍‌ଗଡ଼୍ ସମ୍ବାଦଦାତା

ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲୁଓଡିଏ ତରଫୁ ବରଗଡ୍ ପଂଚାୟତ୍ କଲେଜ୍ ପାଖେ ତିଆର୍ ହେଇଥିବା ନୂଆଁ ୩୩/ ୧୧ କେଭି ପାୱାର୍ ସବ୍ଷ୍ଟେସନ୍‌କେ ଆଏଜ୍ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିଛନ୍ । ୬ କୋଟି ୫୯ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ଇ ସବ୍ଷ୍ଟେସନ୍ ଜରିଏ ବର୍‌ଗଡ୍ ସହର୍, ପଂଚାୟତ୍ କଲେଜ୍ ଇଲାକା, ଦୀପାଲୀ ଟକିଜ୍ ଇଲାକା, କାଳୀମନ୍ଦିର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ପାଖାପାଖି ୪ ହଜାର୍ ଘରୋଇ ଆଉ ବ୍ୟବସାୟୀ ଗ୍ରାହକ୍ ପ୍ରତ୍ୟକ୍ଷ ଭାବେ ଲାଭ୍ ପାଏବେ । ବଢୁଥିବା ବିଦ୍ୟୁତ୍ ଚାହିଦାକେ ପୁରା କର୍‌ବାର୍ ସହେତେ ଭୋଲ୍‌ଟେଜ୍ ଗୁଣବତାଥି ସୁଧାର୍, ଲୋଡ୍‌କେ କମ୍ କର୍‌ବାର୍ ଆଉ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୁଗେଇ ଦେବାର୍ ଲକ୍ଷ୍ୟଥି ଇଟା ଥାପ୍‌ନା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ଜିଲ୍ଲାପାଳ୍ ଆଉ କମ୍ପାନୀର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଦାଶରଥୀ ପଟ୍ଟନାୟକ୍ ଜୟନ୍ତୀ ହି.ସ.

ଓଡ଼ିଶା ପାଠାଗାର୍ ଆନ୍ଦୋଳନ୍‌ର ପ୍ରବାଦ ପୁରୁଷ ଆଉ ସଂଗ୍ରାହକ ଦାଶରଥୀ ପଟ୍ଟନାୟକ୍‌ଙ୍କର୍ ଆଏଜ୍ ଶହେ ୧୯ ନମ୍ବର୍ ଜୟନ୍ତୀ ପାଲନ୍ କରାଯାଉଛେ । ଓଡ଼ିଶାବାସୀଙ୍କର୍ ନ ଦାଶିଆ ଅଜା ନାଁଥି ପରିଚିତ ଦାଶ୍‌ରଥୀ ପଟ୍ଟନାୟକଙ୍କର୍ ଜନ୍ମଜୟନ୍ତୀ ମିଲିତ୍ ଭାବେ ଜିଲ୍ଲା ପ୍ରଶାସନ୍ ଆଉ ଦାଶିଆ ଅଜା ସ୍ମୃତି ସମିତି ତର୍‌ଫୁ ପାଲିତ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦାଶିଆ ଅଜାଙ୍କର ଜୟନ୍ତୀ ଅବ୍‌ସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରଖ୍ୟାତ୍ ସଂଗ୍ରାହକ ଆଉ ଓଡ଼ିଆ ପାଠାଗାର୍ ଆନ୍ଦୋଳନ୍‌ର ପୁରୋଧା ଭାବେ ପରିଚିତ ଦାଶରଥୀ ପଟ୍ଟନାୟକ ଓଡ଼ିଆ ଭାଷା, ସାହିତ୍ୟ ଆଉ ସାଂସ୍କୃତିକ ଐତିହ୍ୟର୍ ସଂରକ୍ଷଣ୍ ଆଉ ପାଠାଗାର୍ ଆନ୍ଦୋଳନ୍‌କେ ବର୍‌କସ୍ କର୍‌ବାର୍‌ଥି ତାଙ୍କର୍ ଅବଦାନ୍ ସବୁବେଲେ ସୋର୍ ରହେବା ।

ଅନବସର ଦ୍ୱାଦଶୀ ନୀତି ପୁରୀ ସମ୍ବାଦଦାତା

ଅଷାଢ଼୍ ମାସର୍ ଅନ୍ଧାର୍ ପଖର୍ ଦ୍ୱାଦଶୀ ତିଥି ନ ଅଣସର ଘରେ ଆଏଜ୍ ମାହାପୁରୁମାନ୍‌କର୍ ଦ୍ୱାଦଶୀ ନୀତି ପାଲନ୍ କରାଯାଉଛେ । ପରମ୍ପରା ଅନ୍‌ସାରେ ଶ୍ରୀମନ୍ଦିର୍ ନ ସକାଳ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ମାହାପୁରୁମାନ୍‌କର୍ ରାଜପ୍ରସାଦ୍ ବିଜେ ନୀତି କରାଯାଇଛେ । ଗୁପ୍ତ ସେବା ସମିଆଥି ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗନୁ ବାହାର୍ କରାଯାଇଥିବା ଚନ୍ଦନ କରାଳ ଆଉ ପାଟଡୋରୀକେ ରୂପା ଥାଲିଆଥି ପଟୁଆର୍ ସାଙ୍ଗେ ଦଇତାପତି ସେବକ୍‌ମାନେ ଶ୍ରୀନଅର୍‌କେ ନେଇଛନ୍ । ଶ୍ରୀନଅର୍ ନ ପହଁଚିବାର୍ ଉତ୍‌ରୁ ସେଠାନେ ଗଜପତି ମହାରାଜ୍‌ଙ୍କର୍ ଛୁଆଁ ଶାଢ଼ୀକେ ଦଇତାପତି, ପତିମହାପାତ୍ର, ତଢ଼ାଉ, ଦେଉଳକରଣ, ତଳିଛ ମହାପାତ୍ରଙ୍କୁ ଦେଇଥିଲେ । ସେଠାନେ ମାହାପୁରୁମାନ୍‌କର୍ ସୁସ୍ଥତା ବାବ୍‌ଦେ ଗଜପତି ମହାରାଜ୍‌ଙ୍କୁ ଜନାବାର୍ ସହେତେ ଆଏବା ରଥଯାତ୍ରା ବାବ୍‌ଦେ ଦଇତାପତିମାନେ ଆଲୋଚନା କରିଛନ୍ । ଶ୍ରୀକ୍ଷେତ୍ର ନ ଆଏବା ମଙ୍ଗଲ୍‌ବାର୍ ଦିନ ଚତୁର୍ଦ୍ଧାମୂର୍ତିଙ୍କର୍ ନବଯୌବନ ଦର୍ଶନ୍ ହେବା । ମାହାପୁରୁମାନ୍‌କର୍ ରଥର୍ ଦଳମୁଖ୍ୟ ନିର୍ଦ୍ଧାରଣ୍ କରାଯାଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ସେଆଢ଼େ ମାହାପୁରୁମାନ୍‌କର୍ ଦର୍ଶନ୍ ଖୁବ୍ କମ୍ ସମିଆ ଲାଗି ରହେବା । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ହେଇଥିବା ଜରୁରୀ ବୈଠକ୍ ଉତ୍‌ରୁ ଡକ୍ଟର୍ ପାଢ଼ୀ କହିଛନ୍, ଦୁଇପହରର୍ ୨ ବଜେନୁ ସାହାଣମେଲା ଦର୍ଶନ୍ ମୁଲ୍ ହେବା । ୧୫ ତାରିଖ୍ ଦିନ ଉଆଁସ୍ ଆଉ ରଥଯାତ୍ରା ଲାଗି ଖାସ୍ ନୀତିକାନ୍ତି ଥିବାର୍‌ନୁ ନବଯୌବନ୍ ଦର୍ଶନ୍‌କେ କମ୍ ସମିଆ ଲାଗି ରଖିବାର୍‌କେ ନିପ୍ତେତି ନିଆଯାଇଛେ । ଇ ବଛର୍ ରଥମାନ୍‌କେ ଅଏତ୍‌କା ଗୁଟେ ଲେଖା ରଥ ଦଉଡ଼ି ରହେବା । ତିନ୍‌ହି ରଥ ଉପର୍‌କେ କେନ୍‌ସିପ୍ରକାର୍ ଅନଧିକୃତ ସେବାୟତଙ୍କର୍ ଚଢ଼୍‌ବାର୍ ଆଉ ମୋବାଇଲ୍ ଫୋନ୍ ବେଭାର୍ ଉପ୍‌ରେ କଟକ୍‌ନା ଜାରି କରାଯାଇଛେ ।

ସଫେଇ ମିତ୍ର          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସଫେଇ ମିତ୍ରମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜାନବାର୍ ଆଉ ସୁରକ୍ଷିତ୍ ଆଉ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକେ ତହଁକାବାର୍ ଲାଗି ଆଏବା ୧୪ ତାରିଖ୍‌ଥି ରାଜ୍ୟର୍ ସବୁ ସହରାଂଚଲ୍,

ସ୍ଥାନୀୟ ସଂସ୍ଥା ନ  'ନମସ୍ତେ' ଦିବସ ପାଲନ୍ କରାଯିବା । ଇ ବାବ୍‌ଦେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ସବୁ ମହାନଗର୍ ନିଗମ୍, ପୌରପାଳିକା ଆଉ ବିଜ୍ଞପିତ ଅଂଚଳ ପରିଷଦ୍‌କେ ନିର୍ଦ୍ଦେଶ୍ ଜାରି କରାଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରଣାଳୟ ଆର୍ ଗୃହ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଇ ଦିବସ୍ ପାଲନ୍ କରାଯିବା ।

ଜନସଂଖ୍ୟା ଦିବସ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ କ୍ଷେତ୍ରଥି ସାରା ରାଏଜେ ପହେଲା ଠାନେ ଅଛେ । ଗଲାକାଏଲ୍ ବିଶ୍ୱ ଜନସଂଖ୍ୟା ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ନୂଆପଡ଼ା ଜିଲ୍ଲାକେ ସମ୍ମାନିତ୍ କରାଯାଇଛେ । ୨୦୨୫-୨୬ ବଛର୍ ଲାଗି ପରିବାର୍ ନିୟୋଜନ୍ କାର୍ଯ୍ୟକ୍ରମ୍‌ଥି ସାମଗ୍ରିକ୍ ପ୍ରଦର୍ଶନ୍ ଲାଗି ଇ ସମ୍ମାନ୍ ଦିଆଯାଇଛେ । ଇତାର୍‌ଛଡ଼ା ଛୁଆ ଜନମ୍ ଉତ୍‌ରୁ ଜନ୍ମ ନିୟନ୍ତ୍ରଣ୍ ଉପକରଣ୍ ନୂଆପଡ଼ା ୩ ନମ୍ବର୍ ଠାନେ

ରହିଛେ । ସମାରୋହଥି ଜିଲ୍ଲାର୍ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ଜେ.ଏସ୍. ମହାନ୍ତି ପୁରସ୍କାର୍ ଗ୍ରହଣ୍ କରିଛନ୍ ।

୧୨ ବଛର୍ ପୂର୍ତି ନୂଆପଡ଼ା ସମ୍ୱାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଦର୍ବାର୍ ହଲ୍ ଠାନେ କେନ୍ଦ୍ର ସର୍କାର୍ଙ୍କର୍ ୧୨ ବଛର୍ ପୂର୍ତି ଅବ୍ସରେ ଗୁଟେ ବୁଦ୍ଧିଜୀବୀ ଆଉ ଅବସରପ୍ରାପ୍ତ କର୍ମଚାରୀମାନ୍କର୍ ସମ୍ମିଲନୀ ହେଇଯାଇଛେ । ସାଂସଦ୍ ମାଳବିକା ଦେବୀ ସମ୍ମିଲନୀଥି ଯୋଗ୍ ଦେଇକରି କେନ୍ଦ୍ର ସର୍କାର୍ଙ୍କର୍ ଭିନ୍ ଭିନ୍ ଉପଲବ୍ଧି ଐତିହାସିକ୍ ନିଷ୍ପତି ଆଉ ଯୁଗାନ୍ତକାରୀ ପଦକ୍ଷେପ୍ ବାବ୍ଦେ ଆଲୋଚନା କରିଥିଲେ । ବିକଶିତ୍ ଭାରତ୍ର ପରିକଳ୍ପନା ୨୦୪୭ କେ ସାକାର୍ କର୍ବାର୍ ଲାଗି ଦେଶର୍ ସବୁ ନାଗରିକଙ୍କର୍ ଭୂମିକା ଆଉ ସହଯୋଗ୍ ବହୁତ୍ ଜରୁରୀ ବଲି ସାଂସଦ୍ କହିଥିଲେ । ସମ୍ମିଲନୀଥି ଖଡ଼ିଆଲ୍ ନ ରେଲ୍ଲାଇନ୍ ତିଆରି, ତିଖାଲି ନିମ୍ନ ଇନ୍ଦ୍ର ନ ମେଗା ପାଇପ୍ଲାଇନ୍ ଜଲ୍ସେଚନ୍ ପ୍ରକଳ୍ପ, ଉଦନ୍ତୀ ବେରେଜ୍ ତିଆର୍, ଖଡ଼ିଆଲ୍

ଡିଗ୍ରୀ ମହିଳା କଲେଜ୍‌କେ ସର୍‌କାରୀ ଜମି, ଦେବାର୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରାଯାଇଥିଲା ।

ଏକ୍ ପେଡ୍ ମା କେ ନାମ୍        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା ନିର୍ବାଚନ୍ ମଣ୍ଡଲୀ ଅଧୀନ୍‌ଥି ଥିବା କର୍‌କଚିଆ ସଂଗଠିତ୍ ଜଙ୍ଗଲ୍ ନ ଏକ୍ ପେଡ୍ ମା କେ ନାମ୍ ଆଉ ବିଧାୟକ୍ ବନ ପ୍ରକଳ୍ପର୍ ଶୁଭାରମ୍ଭ ହେଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କାର୍ଯ୍ୟକ୍ରମଥି ଯୋଗ୍ ଦେଇକରି ଗଛ୍ ଜଗେଇଥିଲେ । ବଲାଙ୍ଗିର୍ ବନଖଣ୍ଡ ତର୍‌ଫୁ ଆୟୋଜିତ୍ ଇ କାର୍ଯ୍ୟକ୍ରମ୍‌ଥି ବହୁତ୍ ମାତ୍ରାଥି ସାଧାରଣ୍ ଲୁକେ ଯୋଗ୍ ଦେଇକରି ଗଛ୍ ଜଗେଇଥିଲେ ।

ପ୍ଲାଷ୍ଟିକ୍ ମୁକ୍ତ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ୍ ଅଧୀନ୍‌ଥି “ଗାଁ ପରିମଳ- ଗାଁ ମୁଣ୍ଡରୁ” କାର୍ଯ୍ୟକ୍ରମ୍

ହେଇଯାଇଛେ । ଜିଲ୍ଲାର୍ ମଗୁରପାଣି ଗାଁ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ସ୍ୱଚ୍ଛ, ସୁସ୍ଥ ଆଉ ପରିବେଶ୍ ଅନୁକୂଳ ଗାଁ ଗଠନ୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍‌କେ ବର୍ଜନ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ପଶ୍ଚିମବଙ୍ଗ୍ ଆଉ ତାର୍ ପାଖର୍ ବାଂଲାଦେଶ୍ ଉପ୍‌ରେ ସକ୍ରିୟ ଘୂର୍ଣ୍ଣିବଳୟ ଆଏବା ୨ ଦିନ୍ ଭିତ୍‌ରେ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ଆଏବା ୭ ଦିନ୍‌ତକ୍ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୧ ଫୁଟ୍ ରହିଥିଲା । ଇ ସମିଆଥି ୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୫୮ ହଜାର୍ ୭ ଶହ ୪୦ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୩୪ ହଜାର୍ ୬ ଶହ ୬୫ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।